# NATIONAL NEWS BULLETIN (ODIA)

## 6 June - 2024

## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ଅଷ୍ଟାଦଶ ଲୋକସଭାର ନିର୍ବାଚିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ଲାଗି ଲୋକସଭା ସଚିବାଳୟ ପ୍ରସ୍ତୁତ ।
- ଲୋକସଭା ନିର୍ବାଚନରେ ବିଜୟ ପାଇଁ ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀଙ୍କୁ ବିଶ୍ୱ ନେତାମାନଙ୍କ ଅଭିନନ୍ଦନ ବାର୍ତ୍ତା ।
- ପ୍ରଥମ ଭାରତୀୟ ଅନୁଷ୍ଠାନ ଭାବେ ଆଇ.ଆଇ.ଟି. ବମ୍ବେକୁ ମିଳିଲା କ୍ୟୁ.ଏସ୍. ମାନ୍ୟତା ।
- ବାୟୁ ଗୁଣବତ୍ତା ଯାଞ୍ଚ ନିମନ୍ତେ କେନ୍ଦ୍ର ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ଆରମ୍ଭ ହେଲା 'ଏୟାର୍ ପ୍ରଭା' ଆପ୍ ।

ଏବଂ

- ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ସିରିଜ୍‌ରେ ଭାରତ ତାର ପ୍ରଥମ ମ୍ୟାଚ୍‌ରେ ଆୟରଲାଣ୍ଡକୁ ୮ ଓ୍ୱିକେଟ୍‌ରେ ପରାସ୍ତ କରିଛି ।

# ନ୍ୟୁ ଏମ୍‌ପି

ଅଷ୍ଟାଦଶ ଲୋକସଭାର ନିର୍ବାଚିତ ସଦସ୍ୟମାନଙ୍କୁ ସ୍ୱାଗତ କରିବା ପାଇଁ ଲୋକସଭା ସଚିବାଳୟ ପ୍ରସ୍ତୁତ ଥିବା ଏକ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛି । ଏହି ବିଜ୍ଞପ୍ତିରେ କୁହାଯାଇଛି, ସଦସ୍ୟମାନଙ୍କୁ ସ୍ୱାଗତ କରିବା ଏବଂ ସୁରୁଖୁରୁରେ ପଞ୍ଜିକରଣ କାର୍ଯ୍ୟ ସୁନିଶ୍ଚିତ କରିବା ପାଇଁ ଲୋକସଭା ସଚିବାଳୟ ଅନେକ ଗୁଡ଼ିଏ ପଦକ୍ଷେପ ଗ୍ରହଣ କରିଛି ।

ସୂଚନା ଅନୁଯାୟୀ ସମୟ ସଞ୍ଚୟ ସହ କାଗଜ ବିହିନ ଡିଜିଟାଲ୍ ପ୍ରକ୍ରିୟା ପାଇଁ ଅନ୍‌ଲାଇନ୍ ଇଣ୍ଟିଗ୍ରେଟେଡ୍ ସଫ୍ଟୱେୟାର୍ ମାଧ୍ୟମରେ ନବନିର୍ବାଚିତ ସଦସ୍ୟଙ୍କ ପଞ୍ଜିକରଣ କରାଯିବ । ଏହାଛଡ଼ା ବ୍ୟାଙ୍କ୍ ଆକାଉଣ୍ଟ ଖୋଲିବା, ସ୍ଥାୟୀ ପରିଚୟପତ୍ର ଏବଂ ସଦସ୍ୟମାନଙ୍କୁ କେନ୍ଦ୍ର ସରକାରଙ୍କ ସ୍ୱାସ୍ଥ୍ୟ ଯୋଜନା କାର୍ଡ ପ୍ରଦାନ ପାଇଁ ଲୋକସଭା ସଚିବାଳୟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ଜୁନ୍ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସକାଳ ୮ଟାରୁ ରାତି ୮ଟା ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ । ସଚିବାଳୟ ପକ୍ଷରୁ ପ୍ରତ୍ୟେକ ସଦସ୍ୟଙ୍କୁ ଭାରତୀୟ ସମ୍ବିଧାନ, ନିୟମ ଏବଂ ନିର୍ଦ୍ଦେଶନାମା ସମ୍ବନ୍ଧୀୟ ଉପଯୋଗୀ ପ୍ରକାଶନର ନକଲ ପ୍ରଦାନ କରାଯିବ । ନବନିର୍ବାଚିତ ସଦସ୍ୟମାନଙ୍କ ସୁବିଧା ପାଇଁ ବିମାନ ବନ୍ଦର ଏବଂ ରେଳ ଷ୍ଟେସନ୍‌ରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିବା ଲୋକସଭା ସଚିବାଳୟ ପକ୍ଷରୁ କୁହାଯାଇଛି ।

# ପିଏମ୍-ଶୁଭେଚ୍ଛା

ଅଷ୍ଟଦଶ ଲୋକସଭା ନିର୍ବାଚନରେ ବିଜୟ ପାଇଁ ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀଙ୍କୁ ବିଶ୍ୱ ନେତାମାନଙ୍କ ଠାରୁ ଅଭିନନ୍ଦନ ବାର୍ତ୍ତା ମିଳିବାରେ ଲାଗିଛି । ମରିସସ୍‌ର ପ୍ରଧାନମନ୍ତ୍ରୀ ପ୍ରବିନ୍ଦ କୁମାର ଜଗନ୍ନାଥଙ୍କ ଶୁଭେଚ୍ଛା ବାର୍ତ୍ତାର ଉତ୍ତରରେ ଶ୍ରୀ ମୋଦୀ ତାଙ୍କୁ ଧନ୍ୟବାଦ ଜଣାଇବା ସହ ପଡ଼ୋଶୀ ପ୍ରଥମ ନୀତିରେ ମରିସସ୍ ସହ ଭାରତର ସମ୍ପର୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ବୋଲି କହିଛନ୍ତି । ଆଗାମୀ ଦିନରେ ଉଭୟ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଭାଗିଦାରୀ ବୃଦ୍ଧି ପାଇବା ନେଇ ସେ ଆଶାବାଦୀ ଥିବା କହିଛନ୍ତି । ଶ୍ରୀ ପ୍ରବିନ୍ଦ ମୋଦୀଙ୍କ ବିଜୟକୁ ଐତିହାସିକ ବିଜୟ ବୋଲି ବର୍ଣ୍ଣନା କରି ବାର୍ତ୍ତା ଦେଇଥିଲେ ।

ଭୁଟାନର ପ୍ରଧାନମନ୍ତ୍ରୀ ସେରିଙ୍ଗ ତୋବଗେ ଏନ୍.ଡି.ଏ ମେଣ୍ଟର ବିଜୟ ଭାରତକୁ ଉଚ୍ଚସ୍ତରକୁ ନେବ ବୋଲି ବାର୍ତ୍ତା ଦେବା ପରେ ଶ୍ରୀ ମୋଦୀ ଭାରତ-ଭୁଟାନ ସମ୍ପର୍କ ଆଗାମୀ ଦିନରେ ଆହୁରି ଦୃଢ଼ ହେବ ବୋଲି କହିଛନ୍ତି ।

ନେପାଳ ପ୍ରଧାନମନ୍ତ୍ରୀ କମରେଡ୍ ପ୍ରଚଣ୍ଡଙ୍କ ଏକ ପୋଷ୍ଟର ଉତ୍ତରରେ ଶ୍ରୀ ମୋଦୀ କହିଛନ୍ତି, ଭାରତ-ନେପାଳ ବନ୍ଧୁତାକୁ ସୁଦୃଢ଼ କରିବା ପାଇଁ ସେ ନେପାଳର ନିରନ୍ତର ସହଯୋଗ କାମନା କରନ୍ତି ।

ଶ୍ରୀଲଙ୍କା ରାଷ୍ଟ୍ରପତି ରାନିଲ ବିକ୍ରମ ସିଂଘେ ଶ୍ରୀ ମୋଦୀଙ୍କ ନେତୃତ୍ୱକୁ ବିଜୟର ମୁଖ୍ୟ ଆଧାର ବୋଲି ବର୍ଣ୍ଣନା କରି ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି । ଏହା ଉତ୍ତରରେ ଶ୍ରୀ ମୋଦୀ ଭାରତ-ଶ୍ରୀଲଙ୍କା ଅର୍ଥନୈତିକ ସହଯୋଗ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବହୁ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ ଶ୍ରୀଲଙ୍କାର କାର୍ଯ୍ୟକାରୀ ରାଷ୍ଟ୍ରପତି ମହିନ୍ଦା ରାଜପକ୍ଷେ, ଫିଲ୍ଡ ମାର୍ସାଲ୍ ଶରତ ଫୋନସେକା, ବିରୋଧୀ ଦଳ ନେତା ସଜିତ ପ୍ରେମଦାସା, ଇଟାଲୀ ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି, ମାଳଦ୍ୱୀପ ରାଷ୍ଟ୍ରପତି ଡକ୍ଟର ମହମ୍ମଦ ମୁଇଜ୍ଜୁ, ମାଳଦ୍ୱୀପ ଉପରାଷ୍ଟ୍ରପତି ହୁସେନ ମହମ୍ମଦ ଲତିଫ୍, ପୂର୍ବତନ ରାଷ୍ଟ୍ରପତି ମହମ୍ମଦ ନାସିଦ୍, ମାଳଦ୍ୱୀପର ରାଜନେତା ତଥା ଜାତିସଂଘ ସାଧାରଣ ପରିଷଦର ପୂର୍ବତନ ଅଧ୍ୟକ୍ଷ ଅବଦୁଲ୍ଲା ସାହିଦ, ଜମାଇକା ପ୍ରଧାନମନ୍ତ୍ରୀ ଆଣ୍ଡ୍ରିୟୁ ହୋଲନେସ୍ ପ୍ରମୁଖ ଶ୍ରୀ ମୋଦୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଏନ୍.ଡି.ଏ.-ଲିଡର୍ସ୍ ମିଟିଂ

ଅଷ୍ଟାଦଶ ଲୋକସଭା ପାଇଁ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ପରେ ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀଙ୍କୁ ତୃତୀୟଥର ନିମନ୍ତେ ଦେଶର ପ୍ରଧାନମନ୍ତ୍ରୀ କରିବା ସମ୍ପର୍କିତ ପ୍ରସ୍ତାବକୁ ଏନ୍.ଡି.ଏ.ର ଅଂଶିଦାର ଦଳ

ଗୁଡ଼ିକ ସମର୍ଥନ କରିଛନ୍ତି । ଗତକାଲି ପ୍ରଧାନମନ୍ତ୍ରୀଙ୍କ ନୂଆଦିଲ୍ଲୀ ସ୍ଥିତ ବାସଭବନରେ ଏନ୍.ଡି.ଏ. ନେତାମାନଙ୍କର ଏକ ବୈଠକରେ ଏହି ନିଷ୍ପତ୍ତି ହୋଇଛି । ଚଳିତ ସାଧାରଣ ନିର୍ବାଚନରେ ଏନ୍.ଡି.ଏ. ବିଜୟୀ ହେବା ପରେ କେନ୍ଦ୍ରରେ ନୂତନ ସରକାର ଗଠନ ଲାଗି ଏହି ବୈଠକରେ ଆଲୋଚନା କରାଯାଇଥିଲା । ତେଲୁଗୁଦେଶମ୍ ପାର୍ଟିର ଅଧ୍ୟକ୍ଷ ଏନ୍. ଚନ୍ଦ୍ରବାବୁ ନାଇଡୁ, ଜନତା ଦଳ ସଂଯୁକ୍ତର ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାର, ଲୋକଜନଶକ୍ତି ପାର୍ଟି (ରାମବିଲାଶ)ର ଅଧ୍ୟକ୍ଷ ଚିରାଗ ପାଶୱାନ, ଆପନା ଦଳ ନେତା ଅନୁପ୍ରିୟା ପଟେଲ୍, ଆର୍.ଏଲ୍.ଡି. ମୁଖ୍ୟ ଜୟନ୍ତ ଚୌଧୁରୀ, ଜେ.ଡି.ଏସ୍.ର ଏଚ୍.ଡି. କୁମାର ସ୍ୱାମୀ, ହିନ୍ଦୁସ୍ତାନୀ ଆୱାମୀ ମୋର୍ଚ୍ଚା ନେତା ଜିତନ ରାମ ମାନ୍ଝୀ, ଜନସେନା ପାର୍ଟି ନେତା ପବନ କଲ୍ୟାଣଙ୍କ ସମେତ ଏନ୍.ଡି.ଏ.ର ଅଂଶିଦାର ଦଳଗୁଡ଼ିକର ଅନ୍ୟ ନେତାମାନେ ଏହି ବୈଠକରେ ଯୋଗ ଦେଇଥିଲେ ।

ସୂଚନା ଯୋଗ୍ୟ ଚଳିତ ଲୋକସଭା ନିର୍ବାଚନରେ ବିଜେପି ନେତୃତ୍ୱାଧୀନ ଏନ୍.ଡି.ଏ.' ସଂଖ୍ୟା ଗରିଷ୍ଠତା ହାସଲ କରିଛି । ୫୪୩ ଲୋକସଭା ଆସନ ମଧ୍ୟରୁ ଏନ୍.ଡି.ଏ. ୨୯୨ଟି ଆସନ ହାସଲ କରିଥିବା ବେଳେ ଇଣ୍ଡି ମେଣ୍ଟ ୨୩୩ଟି ସିଟ୍‌ରେ ବିଜୟ ହାସଲ କରିଛି । ଅନ୍ୟାନ୍ୟ ଦଳ ଗୁଡ଼ିକ ୧୮ଟି ଆସନ ପାଇଛନ୍ତି । ବିଜେପି ଏକାକୀ ୨୪୦ ସିଟ୍ ପାଇଥିବା ବେଳେ ତେଲୁଗୁ ଦେଶମ୍ ୧୬ ଏବଂ ଜନତା ଦଳ ସଂଯୁକ୍ତ

୧୨ଟି ଆସନ ଅକ୍ତିଆର କରିଛି । ସେହିଭଳି କଂଗ୍ରେସ ଏକାକୀ ୯୯ଟି ଆସନ ଜିତିଥିବା ବେଳେ ସମାଜବାଦୀ ପାର୍ଟି ୩୭, ତୃଣମୂଳ କଂଗ୍ରେସ ୨୯ ଏବଂ ଡି.ଏମ୍.କେ. ୨୨ଟି ଆସନ ହାସଲ କରିଛି ।

## ଆଇଆଇଟି ବମ୍ବେ

ଭାରତୀୟ ପ୍ରଯୁକ୍ତି ବିଦ୍ୟା ପ୍ରତିଷ୍ଠାନ ବମ୍ବେ-ଆଇ.ଆଇ.ଟି. ବମ୍ବେ ଚଳିତ ବର୍ଷ କ୍ୱାକ୍ୱାରେଲି ସାଇମଣ୍ଡସ୍ ଆନ୍ତର୍ଜାତିକ ସ୍ତରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତାରେ ପ୍ରଥମ ଭାରତୀୟ ଅନୁଷ୍ଠାନ ଭାବେ ସ୍ଥାନ ପାଇଛି । ପ୍ରଥମଥର ପାଇଁ ଆଇ.ଆଇ.ଟି. ବମ୍ବେ ଶ୍ରେଷ୍ଠ ୧୨୫ ମଧ୍ୟରେ ୧୧୮ତମ ସ୍ଥାନରେ ରହିଛି । ମୋଟ୍ ୧୦୦ ଅଙ୍କରୁ ଏହି ପ୍ରତିଷ୍ଠାନ ୫୬ ଦଶମିକ୍ ୩ ପ୍ରତିଶତ ଅଙ୍କ ହାସଲ କରିଛି । ବିଭିନ୍ନ ମାନଦଣ୍ଡଆଧାରରେ ଆଇ.ଆଇ.ଟି. ବମ୍ବେ ୩୧ଟି ସ୍ଥାନ ଉପରକୁ ଉଠିଛି । କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ସାରା ବିଶ୍ୱରେ ଆଇ.ଆଇ.ଟି. ବମ୍ବେ ୬୩ତମ ସ୍ଥାନରେ ରହିଥିବା ଜଣାପଡ଼ିଛି ।

# ଏୟାର୍ ପ୍ରଭା ଆପ୍

ସାଧାରଣ ଲୋକଙ୍କୁ ସେମାନଙ୍କ ଅଞ୍ଚଳରେ ବାୟୁ ଗୁଣବତ୍ତା ଜଣାଇବା ସହ ପ୍ରତିକାର ବ୍ୟବସ୍ଥା ଆପଣେଇବା ଲାଗି 'ଏୟାର୍ ପ୍ରଭା' ଆପ୍ ଆରମ୍ଭ ହୋଇଛି । ଗତକାଲି ବିଶ୍ୱ ପରିବେଶ ଦିବସ ଅବସରରେ କେନ୍ଦ୍ର ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟର ସଚିବ ଏସ୍. କ୍ରିଷ୍ଣନ ଏହି ଏୟାର୍ ପ୍ରଭା ଆପ୍‌ର ଉନ୍ମୋଚନ କରିଛନ୍ତି । ଉନ୍ନତ ଜ୍ଞାନକୌଶଳ ଆଧାରରେ ଏହି ଆପ୍‌ର ବିକାଶ କରାଯାଇଛି ।

ଏହି ଅବସରରେ ସେ କହିଛନ୍ତି, ଏହି ଆପ୍ ବାୟୁର ଗୁଣବତ୍ତା ପ୍ରଦର୍ଶନ ଦିଗରେ ଯେପରି ଭଲ ଭାବରେ କାର୍ଯ୍ୟ କରିବ ତାହା ଉପରେ ପ୍ରାଧାନ୍ୟ ଦିଆଯାଇଛି । ସେ କହିଛନ୍ତି, ଏହି ଆପ୍ ମାଧ୍ୟମରେ ପରିବେଶ ମଞ୍ଜୁରୀ ପ୍ରଦାନ କରିବା ସହଜ ହେବ ।

# ପିଏମ୍-ପରିବେଶ ଦିବସ

ବିଶ୍ୱ ପରିବେଶ ଦିବସ ଅବସରରେ ଗତକାଲି ବିଜେପିର ବରିଷ୍ଠ ନେତା ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ 'ଏକ୍ ପେଡ୍ ମା' କେ ନାମ୍' ଅଭିଯାନର ଶୁଭାରମ୍ଭ କରିଛନ୍ତି । ଦିଲ୍ଲୀର ବୁଦ୍ଧଜୟନ୍ତୀ ପାର୍କରେ ଶ୍ରୀ ମୋଦୀ ଏକ ଚାରା ରୋପଣ କରିଛନ୍ତି । ଏହି ଅବସରରେ ପୃଥିବୀକୁ

ଉନ୍ନତ କରିବାରେ ଯୋଗଦାନ ପାଇଁ ସେ ସମସ୍ତଙ୍କୁ ଅନୁରୋଧ କରିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ଭାରତ ଗତ ଦଶନ୍ଧି ମଧ୍ୟରେ ଅନେକ ଗୁଡ଼ିଏ ସାମୂହିକ ପଦକ୍ଷେପ ନେବା ଫଳରେ ସମଗ୍ର ଦେଶରେ ଜଙ୍ଗଲ ପରିମାଣ ବୃଦ୍ଧି ପାଇଛି । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ଜରିଆରେ ଶ୍ରୀ ମୋଦୀ ଭାରତ ସମେତ ବିଶ୍ୱବାସୀଙ୍କୁ ମା'ଙ୍କୁ ସମ୍ମାନ ଜଣାଇ ଆଗାମୀ ଦିନରେ ଗୋଟିଏ ଲେଖାଏଁ ଚାରା ରୋପଣ ପାଇଁ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି, ଦୀର୍ଘସ୍ଥାୟୀ ଜୀବନଶୈଳୀକୁ ଆପଣାଇବା ପାଇଁ ଏବଂ ଜଙ୍ଗଲ ସମ୍ପଦର ନିରନ୍ତର ବିକାଶ ପାଇଁ ବୃକ୍ଷ ରୋପଣ ହିଁ ଏକମାତ୍ର ମାଧ୍ୟମ । ଏହି ଅଭିଯାନରେ ନିଜ ମା'ଙ୍କ ସହ କିମ୍ବା ମା'ଙ୍କ ନାଁରେ ଏକ ଗଛ ଲଗାଇବା ଲାଗି ସେ ଅନୁରୋଧ କରିଛନ୍ତି । ପ୍ରତ୍ୟେକଙ୍କ ପାଇଁ ଏହା ଏକ ମୂଲ୍ୟବାନ ଉପହାର ହେବ ବୋଲି କହିବା ସହ ଶ୍ରୀ ମୋଦୀ ଗଛ ଲଗାଇବା ଫଟୋକୁ "ହାସ୍ ଟ୍ୟାଗ୍ ପ୍ଲାଣ୍ଟ୍ ଫର୍ ମଦର୍" ରେ ପୋଷ୍ଟ କରିବା ଲାଗି କହିଛନ୍ତି ।

# କ୍ରିକେଟ୍

ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ୍ କ୍ରିକେଟ୍ ସିରିଜ୍‌ରେ ଭାରତ ଆୟରଲାଣ୍ଡକୁ ୮ ୱିକେଟ୍‌ରେ ପରାସ୍ତ କରିଛି । ଗତକାଲି ନ୍ୟୁୟର୍କର ନାସାଉ-କାଉଣ୍ଟି ଆନ୍ତର୍ଜାତିକ ଷ୍ଟାଡିୟମ୍‌ରେ ଏହି ମ୍ୟାଚ୍ ଖେଳାଯାଇଥିଲା ।

ଆୟରଲାଣ୍ଡ ପ୍ରଥମ ବ୍ୟାଟିଂ କରି ୧୬ ଓଭରରେ ସମସ୍ତ ୱିକେଟ୍ ହରାଇ ୯୬ରନ୍ ସ୍କୋର କରିଥିଲା । ଭାରତୀୟ ବୋଲର ହାର୍ଦ୍ଦିକ ପାଣ୍ଡିଆ ତିନୋଟି ୱିକେଟ୍ ନେଇଥିବା ବେଳେ ଜଶପ୍ରୀତ ବୁମରା ଏବଂ ଅର୍ଶଦୀପ ସିଂହ ଦୁଇଟି ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ । ଏହାର ଜବାବରେ ଭାରତ ୧୨ ଓଭର ୨ଟି ବଲ୍‌ରେ ୨ ୱିକେଟ୍ ହରାଇ ବିଜୟ ଲାଭ କରିଥିଲା । କ୍ୟାପଟେନ୍ ରୋହିତ ଶର୍ମା ୫୨ ଏବଂ ରିଷଭ ପନ୍ଥ ୩୬ରନ୍ ସ୍କୋର କରିଥିଲେ । ଏହି ଗ୍ରୁପ୍‌ର ପରବର୍ତ୍ତୀ ମ୍ୟାଚ୍ ଚଳିତ ମାସ ୯ରେ ଖେଳାଯିବ । ସେହିଦିନ ଭାରତ ପାକିସ୍ତାନ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

## ଆଇଏମ୍‌ଡି-ୱେଦର୍

ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ଆଗାମୀ ତିନି ଚାରିଦିନ ମଧ୍ୟରେ କେନ୍ଦ୍ରୀୟ ଆରବ ସାଗରର ଅବଶିଷ୍ଟ ଅଂଶ, କର୍ଣ୍ଣାଟକର ବାକିଥିବା ସ୍ଥାନ, ଦକ୍ଷିଣ ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଉପକୂଳ, ଛତିଶଗଡ଼ର ଦକ୍ଷିଣାଞ୍ଚଳ ଏବଂ ଦକ୍ଷିଣ ଓଡ଼ିଶାର କିଛି ଅଂଶକୁ ପ୍ରବେଶ କରିବାକୁ ଅନୁକୂଳ ସ୍ଥିତି ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି ।

ମିଳିଥିବା ସୂଚନା ଅନୁଯାୟୀ ଆଗାମୀ ୭ ଦିନ ପର୍ଯ୍ୟନ୍ତ ଦେଶର ଉତ୍ତର ପୂର୍ବାଞ୍ଚଳ, ପଶ୍ଚିମବଙ୍ଗ, ସିକ୍କିମ୍‌ର କେତେକ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି ।

ଏହାଛଡ଼ା ଜାମ୍ମୁ କାଶ୍ମୀର, ଲଦାଖ, ଗିଲ୍‌ଗିଟ୍, ବାଲଟିସ୍ତାନ, ମିଜାଫରବାଦ୍, ହିମାଚଳ ପ୍ରଦେଶ ଓ ଉତ୍ତରାଖଣ୍ଡର କେତେକ ସ୍ଥାନରେ ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ଅନୁରୂପ ପାଣିପାଗ ରହିବ ବୋଲି ଜଣାଯାଇଛି ।

ସେହିଭଳି ଆସନ୍ତା ୨ରୁ ୩ ଦିନ ପର୍ଯ୍ୟନ୍ତ ପଞ୍ଜାବ, ହରିଆନା, ଚଣ୍ଡିଗଡ଼, ଦିଲ୍ଲୀ, ଉତ୍ତରପ୍ରଦେଶ ଓ ରାଜସ୍ଥାନର କେତେକ ଅଞ୍ଚଳରେ ଧୂଳିଝଡ଼ ଏବଂ ଘଡ଼ଘଡ଼ି ସହ ବର୍ଷାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ କହିଛି ।

ଅନ୍ୟ ପକ୍ଷରେ ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ଝାଡ଼ଖଣ୍ଡ, ପଞ୍ଜାବ, ହରିଆନା, ରାଜସ୍ଥାନ ଏବଂ ଓଡ଼ିଶାରେ ଗ୍ରୀଷ୍ମ ପ୍ରବାହ ଜାରି ରହିବ ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି ।